ନୀଳକଣ୍ଠ ପଟ୍ଟନାୟକ

ପ୍ରତିଭା ପ୍ରକାଶ ଭବନ

ଛାୟାପଥ

ନୀଳକଣ୍ଠ ପଟ୍ଟନାୟକ

—ପ୍ରକାଶକ—

ପ୍ରତିଭା ପ୍ରକାଶ ଭବନ

ବ୍ରହ୍ମପୁର (ଗଞ୍ଜାମ)

—ମୁଦ୍ରାକର—

ଆମର ପ୍ରେସ୍, ବ୍ରହ୍ମପୁର (ଗଞ୍ଜାମ)

ଦ୍ୱିତୀୟ ସଂସ୍କରଣ

୧୯୫୯

—ଦଶ ଅଣା—

ଗୁପ୍ତାଚରର ପ୍ରଥମ ପ୍ରକାଶନ ୧୯୮୦ ଖ୍ରୀଷ୍ଟାବ୍ଦ । ବହୁ ଦିନରୁ ଏହାର ପୁନଃ ସଂସ୍କରଣ ଆବଶ୍ୟକ ଥିଲେ ମଧ୍ୟ ମୁଦ୍ରଣ ହୋଇପାରି ନଥିଲା । ବର୍ତ୍ତମାନ ସଂସ୍କରଣରେ ନୂତନ କେତୋଟି କବିତା ଏଥି ସହିତ ସଂଯୁକ୍ତ କରାଗଲା । ନବ ସଂଯୁକ୍ତ କବିତା ଗୁଡ଼ିକର 'ବଞ୍ଚି ବହୁତ ଦାଏ' 'ମାନବିକତାର ଥାନ' ଆଦି ସମକା-ଳୀନ ଲେଖା ଓ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ । ହିମା* ଉପରେ ଗୁପ୍ତାଚରର କେତେକାଂଶ ଏହି ପତ୍ରିକାରେ ପ୍ରକାଶ ପାଇଛି ।

—ଲେଖକ—

ଅର୍ପଣ—

ଯୁଗ ଯୁଗାନ୍ତର ଚାଲେ ଚାଲେ [illegible] ଚଷୁଣୀଙ୍କ
ଚାଳ ବାଳେ [illegible] [illegible] [illegible]—

—ଲେଖକ—

ଆସ୍ଥା ପଟଳର —

ଆଶିଷ ଲଷା	୧
ଷିପ୍ର କାମନା	୩
ମୋର ଭଗବାନ	୬
ଗୃହର ମାୟା	୯
ସୃଷ୍ଟି ଲୀଳା	୧୩
ଅମୃତ ଶିଶୁ	୧୮
ଅଶ୍ରୁ-କଣ	୨୦
ଆଶା ବଂଶୀ	୨୪
ଚାଷ ଓ ଧୂମ୍ର	୨୫
ବନ୍ଧୁ ଧର୍ମ	୨୮
ଅନାଥ ଗାଥା	୩୦
କୃଷକ ପୂଜନ	୩୨
ଶଶୁର ବାଳକନ୍ୟା	୩୪
ମୁକ୍ତି ଛନ୍ଦ	୩୬
ମେଷ ମଣ୍ଡଳୀ	୩୮
ମାନବଲୀଳାର ଗାନ	୪୦
ବନ୍ଧୁ ବନ୍ଧନା କାଏ	୪୩
ସେବକ	୪୫
ପ୍ରତ୍ୟାବର୍ତ୍ତନ	୪୭

— ଆଶିଷ ଭିକ୍ଷା —

ଅନ୍ତର ଦେଇ

ଅମର ଦେବ,

ଢାଳି ଦିଅ ତବ ଆଶିଷ ଧାର

ପୂରୁ ସଂଗୀତ

ମଧୁର ପ୍ଲାବନ

ଗାଇ ଉଠୁ ମମ ଜୀବନ ସାରା ।

ଯଦି ମୋ ମୁଖ

ଦୁର୍ଗତି-ଆଡ଼ି

ଦୁଃଖ ବିଷଦ ଦେଖାଏ

ଅଶାନ୍ତ ଶଙ୍କା

ଭରା ଉଷ୍ଣ ହୁଁ

ଅଶ୍ରୁ ଜଳରୁ ଦେଖିଲେ ।

ମୁକ୍ତ ଗଗନେ ମୁକ୍ତ ପବନେ

ମିଶୁ ମୋ ଶ୍ୱାସ ମନ୍ଦ ବୃନ୍ତରେ

ଅନନ୍ତ-ଶୂନ୍ୟରେ
ଗ୍ରହପୁଞ୍ଜ ସଙ୍ଗେ
କୋଟି ବର୍ଷ, କୋଟି ଯୁଗ, ଧରି
ଅମର ରଥେ
ନୀଳର ଦେବ
ଡାକି ଗଲୁ ତବ ଆଶିଷ ଧାର ।

—୨—

ଶାନ୍ତ ଦାମିନୀ-
ତାମିନୀ-ପ୍ରାନ୍ତରେ
ସ୍ପନ୍ଦନ-ବାହିନୀ-ଛନ୍ଦେ
ଏଣି ବନ୍ଧୁ ଦେ
ଶୋଣିତର ଧାର
ରକ୍ତ ଯୋଗାନ ଯାଳେ ।
ଦରା ନାଗରଙ୍କଣ ସ୍ତମ୍ଭିତ ଗାନ—
ଯେବେ ସିନ୍ଧୁ ଦିଗ ଜଳାର ଗାନ
ଅମର ପ୍ରଭୁ—
ଧନ୍ୟ! ଭକ୍ତ ନେବ
ଯଦି ବନ୍ଧୁ ମୋର ଜୀବନମୟ
ଅନ୍ତର ସିନ୍ଧୁ
ଅମର ଦେବ
ଡାକ ଯାଉ ତବ ଆଶିଷ ଧାର ।

—କ୍ଷିପ୍ତ କାମନା

ପାଗଳି ଆଜି ପାଗଳ ମୁଁ ଗୋ
ତୁମର ଦୁଆରେ ଯାଚକ,
ଦୁଃଖ, ସୁଖ ଯତ ସବୁ ଦେବ ଦାନ
ଅଧର ଅଧେ ଯାଚିତ ।
ଚଣ୍ଡ ପ୍ରାଙ୍ଗଣେ ନୃତ୍ୟେ ନଟବର
ଚଣ୍ଡ ପ୍ରାଭବେ ନୂତନ ନଟନର
ତୁମରି ବଂଶୀ ମୋହନ ନୂପୁରଁ ଧ୍ୱନି

ନବ ପଟେ ଏ କାନନ କ୍ଷୁଦ୍ର ବନାନୀ
ନିଖିଳ ଛନ୍ଦରେ ଗାଉଛ
ତାଙ୍କର ଆଜି ମାଳେ ମୁଁ ଗଥା
ତୁମର ନୂଆଙ୍ଗରେ ନାଚଇ ।

—୨—

ତୁମ ଗଣ୍ଡି ତଳେ ଦୂବଆ ଧୂଳିରେ
ଥିବ ମୋର ଖେଳା ଘାଟ
ନେଉଛି ଧୂଳୀ ଦେବ ଗାଲେଚେର ପ୍ରଭୁ,
ତୁମ ଅରଚନା ଥାଳ ।
ଧୂଳି—ଅଙ୍କ ଦେଖ ମୁଁ ବୋଲିବ ତୁମରେ
ଜଣାଇ ବନ୍ଧୁତ ରଚ ଅମ୍ବରେ,
ଧୂଳି ଅଙ୍ଗି ଫୁଲ ଛୟା ନାଗିବ
ଘାସ ଅନ୍ତର ଧୂଳୀ
ତୁମ ଗଣ୍ଡିତେ ଦୂବଆ ଧୂଳୀରେ
ଥିବ ମୋର ଖେଳା ଘାଟ ।

—୩—

ସୁନ୍ଦର ଫଲେ ଯଉ ଡଳ ନବ
ପୁଷ୍ପିର ଭଣ୍ଡାର
ତୁମ ଭଣ୍ଡାରର ଗୁଚ୍ଛି ଦେଇଁ
ଅକାଶେ ତାରକାମାଳ ।

ସୁପ୍ତି ଟାଣେନେ ଶୋଭିତ କୁସୁମରେ,
ତବ ଦେଖା ନକ୍ଷୁ ମୃତ୍ୟୁର ପରେ
'ଆତ୍ମାହର୍ଷୀ ଅଣ' ଉଗ୍ର ଲଗନେ
ଭେଟିବ ମୁଁ ବାରବାର
ସୁଂଦର ପରେ ପଡ ନବ ନବ
ପୂର୍ଣ୍ଣିର ଉପହାର ।

— ୪ —

ଅନନ୍ତ ସକଳୀ ସେମିରେ ଭ୍ରମିରେ
ଖଣ୍ଡ ଗିର ଚରେ ପ୍ରାନେର
ଏଣେ ଫାଳଦା ପୁନ ସ୍ୱର୍ଗୀ ଯାବନେ
ସୁରଭ ଖେଳାଇ ବାଟେ
ମଳୟ ପବନ, ଝୁମ୍ପ ପଲ୍ଲବନ
କ ହେବ ନମା ଖାଲି କଂଣୁକ ମମ
ଆଜ ପ୍ରିୟ ତୁମେ ଦରଶକ ପଥ
ତୁମ ପାଇଁ ମଳ ଭେଜନ ।
ଚାଲେ ଆଁଖ ଚାଉଳ ମୁଁ ଗୋ
ଚୁମର ଦୁଆରେ ଜାଗ୍ରତ ।

—ମୋର ଭଗବାନ—

ସେଇ ମୋର ଭଗବାନ
କ୍ଷୁଦ୍ର ଏ ମୋର   ଅନ୍ତର କୋଣେ
ନିତ୍ୟ ଯା'ର ଅବସ୍ଥାନ ।

—୧—

ମନ୍ଦିର ତଳେ   କାଠ ପାଷାଣରେ
ବସିନାହିଁ ସେ ଭଗବାନ
ଫୁଲ ଚନ୍ଦନ   ଅରପି ତାହାରେ
ତୃପ୍ତି ଲଭେନା ପ୍ରାଣ ।
ଲୋଡ଼ନ୍ତି ନା ଶାସ୍ତ୍ର   ତାଙ୍କ ଅଭାବ
ତାଙ୍କ କୃପାରେ   ନାହିଁ ମୋର ଜସ୍ଥ,
ମୁକ୍ତି, କାମନା,   ସାଧନା ଯା'ପଦେ
ପରି କ୍ଷୁଦ୍ର ଆଶା-ପ୍ରାଣ
ନୁହଁ ସେ ମୋ ଭଗବାନ ।

—୨—

ନୁହେଁ ସେ ମୋ ଭଗବାନ
ସର୍ବ ଶ୍ରେଷ୍ଠ   ନିର୍ବିକାର ମୂର୍ତ୍ତି
ଲକ୍ଷ୍ୟ ଭକ୍ତର ଧ୍ୟାନ

ସୁପ୍ତ ନୟନେ ଅନ୍ଧାର କୋଣେ
ମାଳା ଜପା, ନାମ ଗଣା
ଚର୍ଚ୍ଚ, ମସିଦ୍ ଧ୍ୟାନ ଦାଣ୍ଡି
ଘଣ୍ଟା ମନ୍ତ୍ର କାକଳୀ ।

ଏ ସବୁରେ ଟପିବେ ଭ୍ରାନ୍ତି-କୁହାଶା—
ଲୁଚାଏ କେ, ସେ ମୋ ନୂତନ ଭଗବାନ,
କର୍ମ୍ମ ପାଳନରେ ଲୁଚେ ଯା ବୋଲରେ
କର୍ମ୍ମ ଉଠେ ଯା ଗାନ—
ସେହି ସେ ମୋ ଭଗବାନ

—:—

ସେହି ସେ ମୋ ଭଗବାନ ।
କର୍ତ୍ତବ୍ୟ ପଥରେ କଳ ଉଠେ ଯା'ର
ଜୟ ସଦା ନେଜୟାନ ।
ଆଶା ନିରାଶାର ଶତ୍ରୁ ଯାତନା
ସଂସାର-ଜଳ ପାର
ତାର ସ୍ପର୍ଶ ଜ୍ୱାଳା ପୋଛି ନିଏ ଯା'
ସ୍ନିଗ୍ଧ ମଧୁର ହାତ
ଯାହା ଲାଗିରେ ମନ୍ତ୍ର ମାନବ
ଦୁଃଖର ଘରେ ଶୋକର ସାଗର

ମଦନ କୁଞ୍ଜେ ମୃଦୁ ମନ୍ଦରେ
ଗୋପଳ ଯା' ବଂଶୀ ଗାନ
ସେ ଯେ ମୋର ଭଗବାନ

— ୪ —

ସେ ଯେ ମୋର ଭଗବାନ ।
ତାଙ୍କରି ଗାଥା ସ୍ପନ୍ଦନେ ସ୍ପନ୍ଦନେ
ଗାଉଛି ମୁଁ ଜୟ ଗାନ ।
ଜୀବନର ସେପାରେ ଶକ୍ତି ସାଧନା
ମନ୍ତ୍ର ଯେଉଁଠି ଥାଳା ଜଳ
ତାଙ୍କରି ମଟେ ଅନୁରାଗ ଗୀତ
ବାଜେ ମୋର ସୁନା ତାନ ।
ସେହି ମୁଁ ଆଜି ସେ ମୋର ଦେବତା
ଜନ୍ମ ଜିବନର ମୁକ୍ତିର ଭାଷା ;
ଥାଉ ଦୂରେ ଥାଉ ଅଷ୍ଟ ପଦ ଗଣ
ଏଣୁର ଭଗବାନ
ଆଜିରେ ଜବା ମୋର ଦାନ ?
ଶ୍ରୁଣୁ ଏ ମୋର ଅନ୍ତର ତଳେ
ନଥା ଯା' ଅବଧାନ ।
ସେହି ମୋର ଭଗବାନ

— ଛାୟାର ମାୟା —

କାହାର ଏକ ଦେହ ଛାୟା
ଉଲ୍ଲାସ ଭରେ ନିତ୍ୟ ଖେଳାଏ
ରଚଇ କେତେ ମାୟା !!

— ୧ —

ନିଶୀଥ ଶୟନେ ସପନରେ ଶୁଣେ
ମୃଦୁ ଗୁଞ୍ଜରେ ଗୀତ
ଚନ୍ଦ୍ରରୁ ଝର୍ଣ୍ଣି ଜାଣି ଜାଗି ଥାଏ
କେତେ ସୁନା, ରୂପା, ଗୀତ,
ଯାହାରେ ଦେଖେ ମୋ ସପନ ଦେଶ ଛାୟା
ଶୂନ୍ୟର ମହା ମାୟା !
କାହାର ଏକ ଦେହ ଛାୟା !
ମୁଁ ଜୀବନ ରଣ ଯାଏ ଏଥର
ମାତ୍ର ମମତାର ଛାୟା !

—୨—

ଝଞ୍ଜା ପ୍ରବାହରେ ସୃଷ୍ଟି ଏଡ଼ାଇ
କର୍ମର କୋଳାହଳ—
ଶଙ୍ଖ ବଜାଇ ସୃଷ୍ଟି-ଚକ୍ରରେ
ଚଳାଏ ସେ ଯେଉଁ ଭଳି
ଝଡ଼ପର ପାରେ ରଜନୀ ତମିରର
ଦୃଷ୍ଟିରେ କଳନା କରି
ଲଭେ ସେ ଯତନ ଭରି !
କାହାର ଭୂଷଣ ଏତେ ଉଦ୍ଭାସିତା
ଉଠଇ କା ସ୍ୱପ୍ନ ଧରି !

—୩—

ଦୂର ଅତୀତରେ ମନ ଚନ୍ଦ୍ର ଆଜି
ଶୈଶବ ସାଥୀ ଭୁଲି
କୋଟିଏ ସ୍ୱପନ ଅନ୍ତରେ ଢୋଳ
ଖେଳୁଥିଲି ସେଠେ ଧୂଳି
ତଳଅଙ୍କୁ ମୂଳ ଆଜି ନବ ପଲ୍ଲବ
ରହିଛି ତା ସ୍ୱପ୍ନ ଭରା,
ଭବ ଚିନ୍ତା ପାଏ ଦୂର
ତାହା ଅର୍ଘ୍ୟରେ ପାଇଥିଲି ଏତେ
ବାସ୍ତବ ଅନୁଭବ !!

—୪—

ମୃତ ଗନ୍ଧ ଏ ମାଂସ ଖଣ୍ଡରେ
କାହାର ସେ ବୃନ୍ତ ଛାୟା
ସୁନ୍ଦର ତନ ନବ ଯୌବନେ
ରଚାଣେ ମାଟିର କାୟା !
ତରୁଣୀ-ଅଧରେ କାହାର କାହିଁଣି-
କାଟି ଭୁଅଁଲ ଏ ଗ୍ରନ୍ଥ
ଜୀବନ ପ୍ରଣୟେ ମାତ
ଜରା ଜର୍ଜ୍ଜର ଅନ୍ତିମେ ପାର—
ଫଳ— ଅନୁତାପ ଘାତ ।

— ୫ —

ଆସିଲ ବସନ୍ତ, ଗାଇଲ କୋକିଳ,
ଫୁଟିଲ କୁସୁମ କଳ,
ଚପଳା ଚମକ, ପ୍ରଦୋଷ ଆଲୋକ,
ଶରତ ଜ୍ୟୋସ୍ନାର ଝଳ
ଚଳନ୍ତି ସକଳ ଭଜିଯାଏ କାନ୍ତି
ଦୂର ଅମ୍ବରର ଗହରେ
ସପନ ସମାନ ଧୀରେ
ଭାସିବୁଲେ ଖାଲ ଛାୟା-ତରଣୀଟି
ସଂସାର ଜଳଧିରେ ।

*   *   *

— ୬ —

ମୁଗ୍ଧ ସ୍ୱପ୍ନାନ୍ତ　　ଯାହାର ଏ ସ୍ୱପ୍ନ
ମାୟାର କୁହୁକ ଧନ
ଚିତ୍ତ ଉଚାଟନ　　ଲକ୍ଷ୍ମୀର ଉତ୍ସବ
ଯବେ ପରଜନା ଜନ-
ଜୀବନର ଲୀଳା.　　ବାସ୍ତବ ଖେଳା,
ତାହାଙ୍କ ଚରଣ ତଳେ
ବସେ ମୁଁ ଅନ୍ତରାଳେ.
ଦେଖେଇ ମୁଁ ଆଜ　　ସେ ସ୍ୱପ୍ନ ଆବାସ
ଶାନ୍ତ ଏ ମନ୍ଦିରତଳ ।

— ୭ —

ସେ- ସ୍ୱପ୍ନ ତଳେ　　ସେଇ ମାୟାବନେ
ଅଶ୍ରୁ ଲୋଚନ ପାଇ
ସ୍ୱପ୍ନ ପିଇ ମୁଁ ଗୋ　　ହୃଦ ଭକ୍ତିତା
ସିକ୍ତ ଚନ୍ଦନ ଧାର,
ଅର୍ପିଲି ଏ ଉତ୍ସବ　　ଜନ୍ମ ଦା' ସୁଖ
ଆଣି ତା ସ୍ୱପ୍ନାଗାର
ଜଗରକ୍ଷିତ ରୂପ ତାର
ଦୂରେ ରହ ଭୁଲେ　　ଦାର୍ଶନିକତେ,
ଭବ ମାର୍ଗ ଝଙ୍କାର ।

— ସୃଷ୍ଟି ଲୀଳା —

କର୍ତ୍ତା ତୁମ ଅନ୍ତରାଳ ?
ସୃଷ୍ଟିର ଲୀଳା
ମହା ସମାରୋହ
କିଏ ତୁମେ ଭଗବାନ ?

ଯୁଗ ଯୁଗାନ୍ତ ନିରେଖି ଦେଖିଛୁ
ତୁମର ଏ ପାନ୍ଥଶାଳାର
ଯେତେ ଯେ ତୁଙ୍ଗ ତରଙ୍ଗ ଖେଳନ୍ତି
ହୃଦର ଅତୀତ ପାରେ,
କଣ୍ଠେ ଏ ଯେ ଧ୍ୱନି ଭୈରବ ରବେ
ତୁଙ୍ଗ ଲହରୀ ସ୍ତୂପ
ନିମିଷକ ପରେ ଚୂର୍ଣ୍ଣିବ ଛଟା
ଲଭିବ ତାର ରୂପ,
ସବୁ ତ ଅଟେ ସବୁ ରଙ୍ଗର
ସବୁ ଅନ୍ତେ ଦେଖୁ
କାହା ପାଇଁ ତେବେ ସୌନ୍ଦର୍ଯ୍ୟ ନାଚେ
ଏତେକ ଚୀନାଂଶୁ ବେଶୁ ?

କଠାଁ ତୁମ ଅନ୍ତଧାନ

ସୃଷ୍ଟିର ଲୀଳା ମହା ସମାରୋହ ?
କିଏ ତୁମେ ଭଗବାନ ?
ସବୁ ତ କ୍ଷଣିକ ଲୀଳା !

କି ଆଶେ ଜୀବନ
ଗଢ଼ଲ ଭରମେ
ନିତ୍ୟ ପ୍ରାସାଦ-ଶିଳା ?

ତୁମରି ବରଷେ ତୁମରି ଆଲୋକ
ଗଢ଼ିଲ ସେ ଉତ୍ସେ
ତୁମରି ତିମିର ଘୋଟି ଦିଏ ଯୁଗ
କଙ୍କଳ କର ପଞ୍ଜର ।
ତୁମରି ସୃଷ୍ଟି ତୁମରି ଧ୍ୱଂସେ
କାଳ ହୋଇଯାଏ ଚୂନା
ସୁଖ ଦୁଃଖର ଦୁଃଖ ସୁଖର
ଦୁହେଁ ଦୃଷ୍ଟିର ନମୁନା,
କପାଳି ହେ ଦେବ ଧନ୍ୟ ମାନବ
କଣ କଳପ 'ହାହାକାର'
ଗୌରବ, ସୁଖ ଯାହିଁ ଅହମିକା,
ଲଭେ ମାତ୍ର ଅସି-ଧାର ।

ଛାଣି ଶୁଣି ସବୁ ମାନବ କପାଳେ
ଫଣେ ଏ ଝଞ୍ଜା ବହିଲେ
କଏ ତୁମେ କଏ ସ୍ରଷ୍ଟା ହେ ଅଛ
ନକ୍ଷତ୍ର କାହିଁ ନିଭିଲେ
ସବୁ ତ କ୍ଷଣିକ ଲୀଳା !
ନ ଅଣେ ସାଧନ ଗଢ଼ିଲ ଭରମେ
ଇଚ୍ଛା ପ୍ରାସାଦ ଶିଳା !!

ମାୟାର ମହା ବନ୍ଧନ
ଜ୍ଞାନ ଗଣ୍ଡମାର
ସବୁରେ କପାଳେ
କରେ ସେତୁ ରଞ୍ଜନ ।

ସଂସାର ମହା— ଝଞ୍ଜା ପୀଡ଼ନେ
ନିପୀଡ଼ିତ ମୋର ହିଆ
ଉଦ୍ଭ୍ରାନ୍ତ ସମ କଇଫତ ମାଗି
ଥୁଏ ଦେବେ ପଥେ ଟିଆ
ଦେଖେ ମୁଁ ଶୂନ୍ୟ— ଶୂନ୍ୟ ଜଗତ—
ଶୂନ୍ୟ ଏ ଚରାଚର
ଶୂନ୍ୟରେ ଥିବା କଏ କାହିଁ ତୁମେ
ଦର୍ଶ ଦିଅ ଈଶ୍ୱର ।

ଯେତେ ସ୍ୱପ୍ନଳ ଭଙ୍ଗୀ ନେତ୍ରର ମମତା
ଫିଙ୍ଗାନ୍ତୁ ମୋର ଛୁଟେ
'ଜୟ ଭଗବାନ' 'ଜୟନ୍ତି ଭୁବନ'
ଛନ୍ଦ ମୋ ପ୍ରାଣେ ଫୁଟେ ।

ଛୁଟିଯାଏ ଯେତେ କର୍ମର ଜାଲ
ଛିନ୍ନିଲେ ମୋ ଅବଯବ,
କିନ୍ତୁ ମରଣେ କର୍ତ୍ତବ୍ୟ ନାମେ
ଝଙ୍କାରେ ଜାଗେ ଭେଷ ରବ ।

'ଜୟନ୍ତି ଭୁବନ' 'ଜୟନ୍ତି ମାନବ'
ଛୁଟେ ଜୟ ପ୍ରାଣେ ରଥ
ଯେବେ ଅମିତ ପଶାରେ ନୀଳା
ଛାଡ଼ିଦଏ ନଏ ଦଣ୍ଡ !
ସପ୍ତ ଦ୍ୱୀପ ବନ୍ଧନ
ଜୀବ ଜଗମାୟ ପଣ୍ଡର ଜୟନ୍ତି
ଜଗତ ସେବୁ ରଞ୍ଜନ !!

ଧାରାଙ୍କ ଏଥୁ ମୁଁ ମାନ
ରଙ୍ଗାଳୟ ।
ସ୍ୱପ୍ନ ଭୁବନ
ନଟ, ନଟୀ ଏଥୁ ଜନେ ।

ଖେଳିବାକୁ ଏଥି   ଜଗତ ଆସିଛୁ
ଖେଳିବାରେ ଗାର ଦାଙ୍ଗ
ମୁକ୍ତି ଯାଚନେ   କହିଁ କାରଣ
ଭଗବାନ ନାମେ ସ୍ତବ ?

ଭଗବାନ, ଯବ   ପଠାଇଛ ମତେ
ଖେଳିବାକୁ ଏଇ ଭବେ
ନର୍ତ୍ତନ ଲଗେ   ଭୋଗିବି ନାଟକ
ଶାନ୍ତିର ଗଜରବେ ।

ଦୁଃଖେ ସୁଖେ ମୁଁ   ହସି ହସାଇବି
କାନ୍ଦି କନ୍ଦାଇ ଜନେ
ମିତ୍ର ଚରଣେ   ଭୁଲିବି ନଶ୍ଵର
ଗାଇ ଗୀତ ଛଳ ବନେ ।,

ଦୁଃଖୀର ବେଦନ   ଦୂଷଣ ଭୂଷଣ
ଅମୃତ ଢାଳିବାରେ
ହେମର ପୁଲକେ   ସନ୍ଦ ପିଇ
ଅନାନ୍ଦ ମରଣ-ଘାଟରେ

ତୁମେ— ଥାଅ ତୁମର ଭଗବାନ
ଜୀବନର ଶେଷ   ଦେହଦାର ପାରେ
ହେଲେ ଦେବା ସମାଧାନ

— ଅମୃତ ଶିଶୁ —

ମାନବ ସନ୍ଦରେ ଅମୃତ ଶିଶୁ
ମୃତ୍ୟୁ ଗାନ ନଜ ଗାଏ !
ଅବାଧେ ପଥ ମୃତ୍ୟୁ ସନ୍ଧାନ
ଶୋଚନା ଉଦ୍ବେଗ ନଜ ବାଏ ?
ଅନାଦ ଯୁଗନ୍ତୁ ସୃଜି ଆସିଛି ତ
ମାନବ ଜୀବନ ଧାରା

ଧ୍ୱଂସର ଗତ ସାଗର ଜଳରେ
ଚାଲନ୍ତି କେଉଁଠି ଚାସ !
ମୃତ୍ୟୁରେ ରେବେ କାନ୍ଦି ?
ଅମର ଶିଶୁର କଣ୍ଠେ ଜେ ଜଠେ
ମୃତ୍ୟୁର ଗୀତ ଗାଇ ।

—୦—

ମୃତ୍ୟୁର ନାଟକ ଯେବେ ବସ୍ତ୍ରିକ ।
ଜୀବନ ମରଣ ମୂଳରେ
ଝଙ୍କାଏ ମୋର ଜୀବନର ଧନ୍ତ
କାଳ କଲ୍ଲଣ ସୁରେ
ରକ୍ତ ନଦୀ ମପାର ପାର,
ଅସ୍ଥିର ଲହରେ ଖାଇ,
ମହା ସମିଜର ନଷ୍ଟ କଲପି
ଶିଶ୍ନରେ ଶୋଣିତ ଧାର
ମୃତ୍ୟୁ ଗଜନା ତଳେ
କଏରସ ରେ ଉଠ କପଟ ଖେଳିବ
ପ୍ରାଣ ଭରି କୁତୂହଳେ ?

—ঃ—

ଅମୃତ ଶିଶୁ, ଜୀବନଧାରେ ଦେଖୁ
ଆଗତ ମରଣ କଥା

ହାସ ହସଉନ୍ତୁ   ସରଳ ଲୋକ
ଅମୃତ-ଆଶା-ପଥ ।
ପୁଚ୍ଛ ଚଲନର   ଅନନ୍ତ ଆଦର
ତରୁଣ କାମନା ଧନ୍ୟ
ଅନନ୍ତ ଜୀବନ   ଚାଲେ ନେଇ ସଙ୍ଗ
ଶତସ୍ତ୍ର ପତାକାବଳୀ
'ସୃଷ୍ଟି ଜୟ' କଥା
ସ୍ନେହ ସ୍ନେହ ମରଣ   ଜ୍ୱଳି ପାଞ୍ଚ ଦେହର
ଧ୍ୱଂସ ସ୍ୱନର ବ୍ୟଥା ।

— ୪ —

ଜୟ ଜନ୍ମର   ପନ୍ଥ ଶମ୍ବର—
ଅନ୍ତିମ ଅବସାନ
ନୂତନ ଜୀବନ ନୂତନ   ମୃତ୍ୟୁରେ, ତାହା
ଶାନ୍ତିର ସମାଧାନ ।
ବର୍ଣ୍ଣ-ରଚିତ   ସ୍ୱର୍ଣ୍ଣ-ମନ୍ଦିରର
ବନ୍ଦନା ଗନ୍ଧ ମୃଦୁ—
ଜୀବନର ଶେଷ   ତମ୍ବୁ ମୂର୍ଚ୍ଛ !!
କମ୍ପିଲେ ବା ଝଡ଼ି ସ୍ତମ୍ଭ ;
ମୃତ୍ୟୁ ନଗର ନାହିଁ,
(ତନ୍ଦ୍ରି) ଅବସାଦ, କ୍ଳାନ୍ତି,   କାମ୍ୟ ଦୃଶ୍ୟ ପଣ
ଥିଲେ ପାରେ ତନ୍ଦ୍ରି ଥାଇ ।

— ଅଶ୍ରୁ ଗୀତ —

ମତେ— ଅଶ୍ରୁ କଣାଏ ଭଲ ଲାଗେ ।
ଅଶ୍ରୁ ନ ଥିଲେ   ଶୁଖାନ୍ତା ଆମର
ନେତ୍ରୁ ଜୀବନ ତା ମାନସ !!

— ୧ —

ଜନମ ଜଠରୁ   ଜନମି ଯେଉଁଣି
ଦୁଃସ୍ବପ୍ନ ଏ ଧରଣୀ
କୁଆଁ କୁଆଁ ନାଦ   ଅଶ୍ରୁରେ କେତେ
ରଚିଥିଲ ବରଷଣୀ ।
ଅନ୍ନମଣ୍ଡ ତାର   ପାଇଥିଲ ଥନ
କେତେ ଚପ ଖେଳନା,   ଚାଳନା ଘଞ୍ଚନ,
ଚାଲିଛି ନ ଆଜ   ଯଉବନ-ଶତ
ତେଲ ଅଶ୍ରୁର ଧାରେ !
ମତେ— ଅଶ୍ରୁ କଣାଏ ଭଲ ଲାଗେ

— ୧ —

ଅଭାବ ପୀଡ଼ାର   ପଲ୍ଲବରେ ଆଜ
ପାଏ ମୁଁ ଜଳନ୍ତର ପାହା
ଧନୁର ମୂଳେ ର.   ଅଶ୍ରୁ ଦେଇଛୁ
ଧୋଇଛୁଁ ଯେ ମୋର ପାଦ ।
ଅଶ୍ରୁ ଦେଇଛୁ   ଗଙ୍ଗାର ଚରଣ,
ଅଶ୍ରୁର ଅନନ୍ତ   ଉଦାର ତରଙ୍ଗ,
ନରଣ୍ଣୁ ଇ ଜୀବନ   ଅଶ୍ରୁ ବରଷି
କେବଳ ଅଶ୍ରୁ ମାଗର !
ଅଶ୍ରୁ ଦେ ମୋତେ ଜଳଜରେ !

— ୨ —

ପଲ୍ଲବନ ଗହନ   ଆସିବ ଯେ ଜଗ
ଅନୁତାପ ଲବ୍ଧ ଯୁଗ
ଅଶ୍ରୁ ପ୍ରବାହେ   ପାପ ସାଗରର
କଳଙ୍କ ଧୋଇବ ଯୁଗ !
ଅଶ୍ରୁ ପ୍ଲାବନେ   ଚରମ ଜୀବନ
ମୂଢ଼ବ ପିପା ଗୋ   ସଜଳ ନୟନ'
ମୁକ୍ତ-ତର୍ପଣ   ଲଭିବ ଆତ୍ମା
ଯେତ ଅଣି ଲୁପ୍ତ ଜ୍ୟୋତିଗ ।
ଅଶ୍ରୁ କି ଦେଉ ଘଳ ଲୋତଗ ।

— ୧ —

ପାନ୍ଥ ଜୀବନର ଅଶ୍ରୁର ଘାଟ,
ଅଶ୍ରୁର କାରବାର
ଅଶ୍ରୁ ଭରା ତ ଯିବିର ପଥ
ନାହିଁ କାହିଁ ଦୁଇଆଖ
କେତେ ଜଣ ଜୀବନ ଅଜ ଅଭାଗାନ
ନାଚ ଛାଇ ପଥ କରୁ କରୁ ଜାମ,
ଭର ଭଅ ଲକ୍ଷ ପନ୍ଥର ମୋ ପାଇଁ
ପଥାର ଚଳ ଖାଉଗ ।
ଅଶ୍ରୁ ସେ ମନେ ଭଲ ଲାଗେ ।

— ୨ —

ନବ୍ୟ ତା କୋଳେ ଭୁଙ୍ଗ ନଦୀ
ଛିନ୍ନ ତା ଧାରେ ଧାରେ
ବାନ୍ଧ ନେଇ ମୋର ଜୀବା ଚଳିଛି
ଉର୍ମିଳ ପାଦ୍ୱାରେ ।
ବାଥାର ସ୍ମରିଣୀ ତୋଳ ଅନେକ
ବାହୁ ସ୍ଥଳ ପଢ଼ ଦୁଇପାଏ ଦେଖ
ଲକ୍ଷ୍ୟ ପଥେ ନମା ଧ୍ରୁବ ତାରା ଯେନ୍ନ
ଆସିବ ନେଇ ନବ ସ୍ୱର୍ଗ ।
ଅଶ୍ରୁ ସେ ମନେ ଭଲ ଲାଗେ !

—ଆଶା ବଂଶୀ—

ତୁମେ ତବ ମୃତବତ୍ସା ଜୀବନ ପ୍ରାନ୍ତରେ
ନାଚ ମୋର ଶୁଷ୍କ ଜୀବନର ଧାରେ ଧାରେ,
ତୁମ ଦେଖି ସ୍ୱର ଡାକେ ଧାଇଁ ଜଗଜନର
ଗୁଞ୍ଜରିବ ତନ୍ତ୍ର ଏହି ମରୁ ଭୂମି ପାରେ ।
ତୁମେ ଯବ ବୃଷ୍ଟିକଣ ଏ ଶଙ୍ଖ ସ୍ୱନେ
ବୋଳି ଯାଅ ଲମ୍ବ ତବ ମୋ ଜୀବନ ମୁଖେ
ଦମି ଉଠୁ ସ୍ୱର୍ଗପୁରୀ ନନ୍ଦନ କାନନ
ଅଗ୍ନି ଚାଂଦନୀ ନବ ଏ ଦୁଃଶୀଳ ବୁକେ ।
ତୁମେ ଯବ ଶୀତ ସୌରଭେ ଫୁଲାର ଅଧର
ତନୁ ମୋର ଦନ୍ଦ ଏଇ ଶୀର୍ଣ୍ଣ ଶରୀର
ଚିତ୍ତ ଦୂରନ୍ତର ସେ ତୋ ଅନ୍ତିମ ପ୍ରେମକ,
ଅଯାଚେ ଭୁଲିବ ଏତ୍ତ ମୋହନ ସମୀର ।
ତୁମେ ଯବ କମନୀୟ ପୂର୍ଣ୍ଣ କଳ୍ପତରୁ
ବାଜୁ ତଳେ ଜିଣ ମୁହିଁ ତେଜସ୍ୱୀ, ତପସ୍ୱୀ ।

ନିଷ୍ଠା ମୋର ଜନ୍ମ ତବ ସୁନ୍ଦର କୁସୁମ
ବାଜୁ ଜନ୍ମ ତବ ନାମେ ମୋର ମଧୁ ବଂଶୀ ।

— ୨ —

ବାଜ ଆଜ ମୋର ଆଶା ନାମେ ବଂଶୀ
ଶୁଣ ମୋର ଜୀବନର ନୈରାଶ୍ୟ-ଭରା,
ଶୁଣ ଅବୋଧ କଳନା ଶିଶୁ, ଥରେ ବସି
ଶୁଣନ୍ତେ ବୈରାଗ୍ୟ-ଅଶ୍ରୁ ଏ ତାନ ସୁନ୍ଦର ।
ଆଶା ଦିନ ଜୀବନର ଅନନ୍ତ ସୋପାନ
ଧରନ୍ତେ ହେଁ ତାର ଶାପ ତନ୍ତୁ ବେଳେବେଳେ
ମୃତ୍ୟୁର ଭୈରବ ରବ ହୁଏ ପ୍ରେମଗାନ
ଆଶାର ଲହର-ରାଗ ମଗ୍ନ ଅବହେଳେ ।
ଗାଏ ମୋ ଆଶା ସ୍ୱପନ, ଭ୍ରମନ୍ତି ସ୍ୱାଗତ
ହୃଦୟରେ ଏ ଅନ୍ତର ପୁରେ ଆଜ ମୋର ।
ଅର୍ଦ୍ଧ ହୁଏ ଗୀତ ତବ ପ୍ରାଣର ପାବନ
ଭୁଲିବାକୁ ଦୁଃଖ ଏ କ୍ଲାନ୍ତି, ଗ୍ଲାନି ଘୋର ।
ଶତ ବଜ୍ର ଶତ ମୃତ୍ୟୁ ଝଞ୍ଜା ମଧ୍ୟେ ସ୍ଥିରେ
ତବ ଗୀତ ଗାଉଥାଉ ମୋର ଏହି ବଂଶୀ ।
ଉଦ୍ଧତ ବାସନା ଥୋଇ ଭଗ୍ନପାତ୍ର ପରେ
ଧ୍ୱଂସ ପାରାବାରେ ହେଉ ଲୀନ ଏବେ ପଶି ।

— ପାପ ଓ ପୁଣ୍ୟ —

ପାପ ପାପ ବୋଲି ଶାସନ ଶୃଙ୍ଖଳ
ଗଳାରେ ନଦିଅ ଆଉ !
କର୍ତ୍ତବ୍ୟ ପଥେ ମୋ ଜୀବନ ରଥ ।
ଚଳୁ ଶୁଦ୍ଧ ଗତି ପାଉ ।
ପୁଣ୍ୟମୟ ଏ ବିଶ୍ୱ ଭୁବନ
ପୁଣ୍ୟର ମହା ବେଗ
ପୁଣ୍ୟର ଶକ୍ତି ମୃତ୍ୟୁ ଜିଣାଏ
ଛୁଟାଇ ଆକାଶ ଭେଦ
ସେ ନାଦେ ପଖାଳି ପବନ ଚଳି
ମୁକ୍ତିର ମହା ମନ୍ତ୍ରରେ ମନ୍ତ୍ରୀ
କାୟ, ମନ, ବାକ୍ୟ— ପାପଚରି ପୁଣ୍ୟ
ଚରଣରେ ଧାଇଁଯାଉ ।
ପାପ ପାପ ବୋଲି ଶାସନ ଶୃଙ୍ଖଳ
ଗଳାରେ ନଦିଅ ଆଉ ।

— ୨ —

ପାପ, ପୁଣ୍ୟର ଦାଣ୍ଡି ଭାଙ୍ଗୁ ଗାଣ୍ଡି
ବିଶ୍ୱ ନିରନ୍ତର,

ଜଣେ ସାଧୁ ବୋଇଲେ— ପାପ, ଆଜ ତହୁଁ
ଅଲଗେ ପୁଣ୍ୟପନ୍ଥୀ ।
ପାପ ପୁଣ୍ୟର ସୂତ୍ର ଉପରେ
ମୁକ୍ତିର ନାମେ ଯେ ପତାକା ଉଡ଼େ
ସେ ପନ୍ଥ ପଥିକ ପଦ ସ୍ପର୍ଶପି
ଯାଉଛି ଦେହର ଆୟୁ
ପାପ ପାପ କହି ପାପର ଶୃଙ୍ଖଳ
ଗଳାରେ ପିନ୍ଧଅ ଆଉ !

—

ମୁକ୍ତ ପବନେ ବ୍ୟକ୍ତି ସାହାରେ—
ସୁଖ ତାହା ଏକ ପୁଣ୍ୟ
ଜନତାର ପାଶେ ସଙ୍କୁଚିତ ଯା'—
କଥା ସେ ପାପ ଗଣ୍ୟ ।
ଆଜି ଯେତେ ସବୁ ପାପ, ପୁଣ୍ୟ ପାଇଁ
ବଡ଼ ବଡ଼ ପୋଥି ଯାଉଅଛି ଗାଇ,
ନାହିଁ କାନ ପାତ ନେବା ପାଇଁ ଗୁଣ
ଥାଉ ସବୁ ଦୂରେ ଥାଉ
ପାପ ପାପ ବୋଲି ଶାସନ ଶୃଙ୍ଖଳ
ଗଳାରେ ପିନ୍ଧଅ ଆଉ !

— ହିନ୍ଦୁ ଧର୍ମ —

ଧର୍ମରେ ଧନ୍ୟ ଏ ଯେ ଧରଣୀ
ସନାତନ ଧର୍ମର ସରଣୀ ।

ଯୁଗ ଯୁଗ ହେଲେ ଯେତେ ଝଡ଼, ଝଞ୍ଜା, ତାଡ଼ନ,
ଦ୍ୱେଷ, ଶୋକ, ଅତ୍ୟାଚାର, ଜରା, ଭୟ, ମରଣ
ଅକ୍ଷୁଣ୍ଣ ତାଡ଼ନା ତଳେ
ସୃଷ୍ଟିର ଶିଖା ଜଳେ
ଧର୍ମ ଧ୍ୱଜରେ ଲାଞ୍ଛି ଆସନ କରଣୀ ?
ଧର୍ମରେ ଧନ୍ୟ ଏ ଜଗ ଧରଣୀ ।

— ୨ —

ଚଳ-ଚଞ୍ଚ ଖେଳଘର ଭୁବନ
ଅନାଦି ଆନନ୍ଦର ମିଳନ,
ଏକୁଳ ଅନେକ ହେଲେ ଧର୍ମର ସ୍ୱରୂପ
ଅଙ୍ଗାର ଶନା କେବେ ପୃଷ୍ଟିବକ ସ୍ୱରୂପ ?
ପାପ, ପୁଣ୍ୟ, ଭଲ, ମନ୍ଦ,
ଲଘୁ, ଜୟ, ଯେତେ ଦ୍ୱନ୍ଦ
ସୃଷ୍ଟିର ରଙ୍ଗଲୀଳା ଏ ସକଳ ମିଳନ
ଚଳ ଚଞ୍ଚ ଖେଳ ଘର ଭୁବନ

* * * *

— ୩ —

ଦେଖ ସନାତନ ଧାର୍ମିକ ଦେ,
ନାକ ଟେକି ନାଚ ତୁମେ ଯା ଲଗେ
ହୃଦ ରକ୍ତ ବାନ୍ଧୁକୁ ଦେଇ ସାତସ୍ୱପ୍ନ ମାରଣୀ
ପୁଙ୍ଖାର ନାଚ ତୁମେ ରାଜ ଜାଲ ଖୁନ୍ତୀ,
ତୁମେ ପିଏ ଦୁର୍ଗେ ଯାକ
କେ ନାଚୁଆ କେ ବାଦ୍ୟକ
ବନ୍ଧୁ ଧରମ ଖାଟେଳ ସମ ତୁମେ ଜାଣନ୍ତୁ ।
ଦେଖ ସନାତନ ଧାର୍ମିକ ଦେ !

— ଅତୀତ ଗାଥା —

ଛୁରେ, ଅତୀତ ନ ଯା ମନ ଭୁଲି ।
କ୍ଷଣିକ ମେଘର ତଳାପେ   ଶତ ଲେଜର ହାପେ
ଘନା କଲପନା କୁଞ୍ଜେ ବୁଲି ।
ଛୁରେ, ଅତୀତ ନ ଯା ମନ ଭୁଲି ।

ଆଜନମ୍ ଅନ୍ତରରେ
ଆଜି ଯାଏ ଯେତେ ଯେତେ
ଗଢ଼ିଛୁ ଜୀବନ ସାଗ୍ର ଭୁଲି ।
ଦବୁର ସେ ନଡାର ମୂଲ
ମନୋହର ମଞ୍ଜୁଳ
ତର ସୁଖମୟ ସ୍ମୃତି ବୁଲି
ନ ଥିଲୁ କୁ ଦେଲୁ ଜୀବନର
ଦେଇ ତୋର ଅନ୍ତହାସରେ
ଦୁଃଖର ସେ ମଧୁଝର ଝୁଲି
ଭ୍ରମରେ, ଅତୀତ ନ ଯା ମନ ଭୁଲି ।

ଭବିଷ୍ୟତ ଖାଲି ତୋର
କଳ୍ପନା ଥରଥର*

---

*ମଶତିକା

ସେ ପାଇଁ ତୋ ହାତେ ବାନ୍ଧି ଅଗ୍ନି,
ବର୍ତ୍ତମାନ ଗଢ଼ା ଘର
କ୍ଷଣେ ଯାଉ ଚଣପର
କର୍ମ-ଚେତନା ପକ୍ଷୀ ବସ୍ତି ।
ଅତୀତ ଘନ ଅନ୍ତ୍ରାନ୍ତରେ
ଜ୍ୟୋତି ପ୍ରକାଶ ପତ୍ରୀ ଏ
ଖଣ୍ଡି ଦାଲ ଦେଖ ବାଟରେ ଲୁଚ ।
ଭୁଲ ନର, ଅତୀତ ନ ଯା ମନ ଭୁଲି ।

ଗଗନ ଉଡ଼ାଣ ଚେଙ୍ଗା-*
ଯୌବନ ଏ ମଥା ଟେକ
ସ୍ୱପ୍ନରେ ମନ୍ତ୍ରର ବ୍ୟୋମ ଧାରେ
ଅତୀତ ଡାହାଣ ଡୋର
ଛୁଟିଲେ ଧେଇଁଲ ଅନ୍ତର
କି ନିହବ ତ ଗଡ ଗବ ଦାରେ ।
ଅତୀତ ତୋ ଶିକଡ ରେ
ଅତୀତ ତୋ ରକତ ରେ
ଭବିଷ୍ୟର ଖରସ୍ତ ଖଣ୍ଡଲି ।
ଭୁଲରେ, ଅତୀତ ନ ଯା ମନ ଭୁଲି ।

---

*ପିଲାଏ ଆକାଶରେ ଉଡ଼ାଉଥିବା କାଗଜ ଚଙ୍ଗ ।

— ସୁଖର ସ୍ୱପନ —

ଜଗତର ଜନମ ଲଭି ପବିତ୍ର ମାନବ
ସୁଖ ପାଇଁ ଅହର୍ନିଶି ରଚଇ ଆହବ
ଦୁଃଖର ଦୁନିଆଁ ପରେ ଜନ୍ମ ଯିବା ଠାରୁ !
ରୋଗ, ଶୋକ, ଜରା, ବ୍ୟାଧି-ଶୂଳି, ମାଡି ପାରୁ !!
ବିଶ୍ୱବ୍ୟାପୀ ସୃଷ୍ଟିର ଚକ୍ର ପ୍ରବଞ୍ଚନା,
ପାପ, ତାପ, ଅଭିଶାପ, ଦରଜ, ଯାତନା
ମୃତ୍ୟୁମୁଖୀ ଜୀବନରେ କରେ ଆକ୍ରମଣ,
ତିଳ ପଳ କାଳକରେ ଆୟୁଷ ହରଣ ।
ଦୁନିଆର ସ୍ୱପ୍ନପଥେ ଅତର ଭଙ୍ଗୁର,
ଜୀବନର ଲକ୍ଷ୍ୟ, ଆଶା, ଅସୀମ ସୁଦୂର ।
ଭବିଷ୍ୟ ଅନ୍ଧାର, ବନ୍ଧମାନ ବର୍ତ୍ତମାନ,
ଅତୀତ ବୁଦ୍ବୁଦା ବାନ୍ଧିଦ୍ୟ ଅଭିମାନ ।
ତଥାପି ମଣିଷ କରେ ରଣରଣ ଥାଇ
ସୁଖର ସ୍ୱପନ ଦେଖେ ଅଜାଣତେ ଭୁଲି !

— ବିଶ୍ୱର ବାଟଭଣା —

ଜାଣେନା ଜା ପାଇଁ ଜାଉଛ
ଜାଣେନା ତ ଜାଉଛି.
ମୋର ତୋଳି ଘରେ ଥାକୁ
ସେ ତ ମନେ ଖୁଜି ନା :

ବାଲ୍ୟ, କୈଶୋର, ଯୌବନ
ସୁଖ, ଶାନ୍ତି, ପ୍ରୀତି–ଭରା
କାଳ ନଦୀ କୂଳେ ଆସେ
ଯାଏ ଗୋଟି ଗୋଟି ଛନ୍ଦ
ବଢ଼ାଏ ମୁଁ ଏକ ଏକ
ଶର ପାଥୀ ମନେ ଭରି
ଗୋଟିଏ ତ କାନ୍ଦି ପଦ
ମୋର ପାଇଁ ଖୁଜି ନା ।
ଜାଣେନା ଜା ପାଇଁ ଜାଉଛ ଜାଉଛ ନା ।

ନୟନର ଲୁହ ଧାର
ବୁହଇ ଧାରେ ଧାରେ
ଅନ୍ତର ଅସୀମ ବ୍ୟଥା
କହୁଛ କାହାରେ !
ଦେଖେ ବୁଲି—'ଘନ ଭାବେ,
ଧନୀ କାନ୍ଦେ, ରାଜା କାନ୍ଦେ,
ଭିକାରୀ, ପ୍ରେମିକ, ସାଧୁ
କେ ନ କାନ୍ଦେ ତା ଏକା ।
କାନ୍ଦଣା ଜା ପାଇଁ କାନ୍ଦେ ଜାଣେ ନା

ଯୋଗୀ, ଭୋଗୀ ପଥିକ ର
ଭାଙ୍ଗିବାରେ ରତ,
ମନ ଭାର ଲୁଣ୍ଠିବାରେ
କା'ରେ ଯୁକ୍ତକର ।
କେବେ କି ରେ ଏ ଭୁବନେ
କାନ୍ଦିବାକୁ ହେବ ଜନ୍ମ ?
କ୍ରନ୍ଦନ ତରଙ୍ଗ ଛୁଟେ
ବିଶ୍ୱର ବାଜେଣା !!
ଜାଣେନା ଜା ପାଇଁ କାନ୍ଦେ ଜାଣେନା ।

— ମୁକ୍ତ ଛନ୍ଦ —

ଧନ ଧାନ୍ୟ ଧୂଳି ମୁଠି
ରତ୍ନ ମାଣିକ୍ୟ କୋଠି
ପରକୁ ଚାଉଛୁ ସୁଦକ୍ଷ ପକ୍ଷୀ ହେ
କୋଟିଏ ମମତା ମନର ବନ୍ଧ ହେ
ମୁକ୍ତ ଗଗନେ ମୋର ପକ୍ଷୀ ହେ ।

ଭୂଧର ଅନଳ ଜାଳ
ରପର ଗରଳ ଜାଳ
ନନ୍ଦନ ବନେ କ୍ରୀଡାର ପକ୍ଷୀ ହେ
ଅନୁରାଗର ନ ହୋଇଛୁ ବନ୍ଧ ହେ
ମୁକ୍ତ ଗଗନେ ମୋର ପକ୍ଷୀ ହେ ।

ସିନ୍ଧୁ ମନ୍ଥ ଚନ୍ଦ୍ରବାର
ମୁଣ୍ଡନମୁ ହୃଦୟୁ ଧାର

ମିଶ୍ରି ମାଧୁ। ଲଭନ ଯନ୍ତ୍ରୀ ହେ
ଶେଲେଟକ ଛଟିନ୍ଲି ବ୍ୟଥା କମ୍ପି ହେ
ମୁକ୍ତ ବନ୍ଧନେ ମୋର ଚନ୍ଦ୍ରି ହେ ।

ବର୍ଷା ବାଦଲ ...
ଅଳପ୍ରକାଶ ...

ଆସିଲେ ଭରତ ବ୍ୟଥା ଦ୍ରୁତ ହେ
ଅତୀତ ପ୍ରଣୟ ଗାଥା ଗାଇ ହେ
ମୁକ୍ତ ବନ୍ଧନେ ମୋର ଚନ୍ଦ୍ରି ହେ ।

ସନ୍ଧ୍ୟା ରଜନ ନୃତ୍ୟ
ମୁକ୍ତ ଚନ୍ଦ୍ରର ମନ

ଅନ୍ତରର ମାନସ ସେତେବେ ରଙ୍ଗ ହେ
ଲୁଙ୍ଗୁର ଲୀଳା ପାଏ ଚନ୍ଦ୍ର ହେ
ମୁକ୍ତ ବନ୍ଧନେ ମୋର ଚନ୍ଦ୍ରି ହେ ।

ଜ୍ୟୋତ୍ସ୍ନା ପୂର୍ଣ୍ଣ ଚନ୍ଦ୍ରେ
କଳ୍ପନା ଆଶା ତରଳ

ହବ୍ୟ ମଳୟ ରଥ ବାହ୍ନ ହେ
ଚାରୁ-ଲେଟକ ବ୍ରତେ ରଙ୍ଗ ରଙ୍ଗ ହେ
ମୁକ୍ତ ବନ୍ଧନେ ମୋର ଚନ୍ଦ୍ରି ହେ

ଦୁଃଖ ତାପ, ଅପମାନ
ଜଗତ୍‌ର ଦାନ
ପ୍ରଶାନ୍ତ ପ୍ରସାଦ ଧାଇଁ ଯାନ୍ତି ହେ
ଖେଳ ପ୍ରାଙ୍ଗଣ ତରେ ମଞ୍ଚ ହେ
ମୁକ୍ତ ବନ୍ଧନ ମୋର ଛନ୍ଦି ହେ ।

ଲଜ୍ଜାର ଅନ୍ଧକାରେ
ଝଞ୍ଜାର ସ୍ୱନ ଶାରେ
ଧରଣୀର କମ୍ପନେ ରଙ୍ଗ ନହ
ବଂଶୀ ବାଜନ୍ତୁ ମୋର ଯନ୍ତ୍ରୀ ହେ
ମୁକ୍ତ ବନ୍ଧନ ମୋର ଛନ୍ଦି ହେ ।

ଧନ, ଜନ, ଗୋଷ୍ଠୀ ଦାରେ
ମାୟା, ମୋହ, ସ୍ନେହ ପାଶେ
ଅନ୍ୟ ନୂତନ ସାଜ ପିନ୍ଧି ହେ
ସଙ୍ଗୀତମୟ ପଥ ଘେନ୍ତ ହେ
ମୁକ୍ତ ବନ୍ଧନ ମୋର ଛନ୍ଦି ହେ ।

ଜୀବର ମୁକତି ଲାଗି
ଦୁନାର ସନ୍ଧ୍ୟା ଭାଙ୍ଗି
ଧୂଳି ସାଥେ ଲୀଳା ଦୁଏ ଯନ୍ତ୍ରି ହେ
ଚେତନାମୟ ଧନ୍ୟ କଣ୍ଠ ହେ
ମୁକ୍ତି କି ବନ୍ଧନ ମୋର ମଣ୍ଡି ହେ ?

— ଶେଷ ପରିଣାମ —

ଅଶିଛୁ ମିନା ଖାଲି ଚରଣ ରେଣୁ ମାଗି
ଦେଲବ ତବ ଦେଲ୍ଲ ଦଦେଇ ଦେବ, ଘଟି,
ନ ପୂରବ କି ଘଲ
ମୋର କାମନା ଥାଳ ।
ଚରଣାଘାତେ ତବ ଚରଣୁ କି ନାହିଁ ଲାଗି ?
ଆସିଛି ମିନା ଖାଲି ଚରଣ ରେଣୁ ମାଗି !

— ୨ —

ମୋ ଆଶା-ଜାଗ୍ର ନବ କଳ୍ପନା-ଶିର୍ଷ ଜଳେ
ଭାସିଲେ ଘନ, ନଷ୍ଟ ଧଜ ତର ତା ତଳେ

ଆଶାର ଅଭିଶାପ
ନ ସହେ ଜଣା ତାତ ।
ଆଶା କଳଙ୍କା ତଳେ ଅଶାନ୍ତ-ଶିଖା ଜଳେ
ଝସିଲେ ଗଙ୍ଗା ନୟନ ଜଳ ତଥ ତା ତଳେ

— ୩ —

ପାପର ପଥେ ଅବା ପୁଣ୍ୟର ପଥେ ଯାଅ
ଦେଖିବ ନୟନେ ଦେଖିବ ହୃଦୟେ ମୁଁ ଅପ୍ରିୟ
ସ୍ନେହର ହାସି ପାଇବ
ଦୋଷେ ଖିଳ ଗୁଞ୍ଜନ
ନପାଇବାବୁ ତବ ତୋଳ କି ଅଛି ଖିଅ ?
ପାପର ପଥେ ଅବା ପୁଣ୍ୟର ପଥେ ଯାଅ

— ୪ —

ସ୍ନେହ ନଠ ବସୁନ୍ଧରା ସ୍ମୃତି-ସ୍ୱପ୍ନ ଲଭିଲ
ଚିତ୍ତ ଚିର ମୋହନ କରୁଣା କରୁଣେ
ନ ଦେଖିବ ସର୍ବ ସ୍ୱପ୍ନରେ
ଝଶି ମୁଁ ଧୂଳି ଭୂତଳେ
ସିଞ୍ଚିବ ବାର ବାର ସ୍ନେହ ବରଷିବ
ଚିତ୍ତ ଚିର ମୋହନ କରୁଣା କରୁଣେ ।

ମାନବିକତାର ସ୍ଥାନ

କାହିଁରେ କହଣୁ ମାନବିକତାର ସ୍ଥାନ
ମିଛରେ ଜିନା ମରେ ମାନବ
ଗାଇ ଗରିମା ଗାନ ।
ଅନାଦି ଯୁଗ ସୃଷ୍ଟିଁ ଠାରୁ
ଧାଇଁ ଆସେ ନାଲି
ଭରା ବିବେକ ସ୍ୱଚ୍ଛ ଆଲୋକ
ଧରି ଶାନ୍ତିର ସ୍ୱର
ଶତ୍ରୁ ନେତ୍ରୁ ହୋଇଲା ପାର
ପ୍ରେମ ପତାକା ତୋଳି
ନେତ୍ରୁ ଲୁହେ ମିଶାଇ ମୁଦେ
ଖେଳିବ ହୋଲି ହୋଲି ।

ତଥାପି ତାର ପାଣବ ବୃତ୍ତି
ଅପୂର୍ବା କେତେବ ନନ୍ଦନ ସୃଷ୍ଟି
ନାଗାକ ମାଝେ ଜଣେ ଚକ ପଦ
ଖୋଲନ୍ତ ତାର ପ୍ରାଣ
ମୂମାଜ ମୋଡ଼େ ନାନ
ଘନ୍ତମ ତନ: ଶନଳ ବ୍ୟଥା
ନବଳ କେତ ଜ୍ଞାନ
ଭାଙ୍ଗିରେ ବଣେ ମାନବକଲାର ଥାନ ।

—୨—

କାମ ଦକ୍ଷି ପଶୁ ପକ୍ଷୀଏ
ବନେ ଗଗନେ ସୁଖେ ।
ଖାଇ ବୁଲନ୍ତି ବାଲ ଖାଇଁର
ବାର୍ତ୍ତି ଶେନ୍ତା_ଦା ମୂଖେ ।
ଈଶ୍ୱର ସୃଜା— ମାନବ ଜନ୍ତୁ
ଖଟି ଚଉଦଣ ଘଣ୍ଟା
ନଗାଳ ମୂହେ ଷ୍ଟାର ଭୁକେ
ଲଜ୍ଜ ପଡ଼େନା ଅସ୍ଥା ।
ଅଥବା ହାତ ଛଟିଲେ ବାର
ପାଣି ଜାତର ହୁଏ ଝଙ୍କାର
ଧୂନେ ବ୍ୟର୍ଥ ନରେ ଆବୁକ
ପଡ଼ ଭେ କଥା କଟମ
*ଚୌବଲଶିଆ ଶଡ଼େ,

---

*୧୨୪ ଆଇନ ମୁଖବନ୍ଧ ଅନୁପରଷାଇ ।

ଲକ୍ଷିତ ଘୂଚ୍ଛିଁ ମଣିତ ଭୁରୁ
ମାନ୍ତ ଭବତ ଗାନ
ଚାହିଁରେ ବନ୍ଧୁ ମାନବଜାତିର ଧ୍ୟାନ ।

—୩—

ବନ୍ଧୁ ମୁଖରୁ ଆକାଶ ରଙ୍ଗ
ନବ ପ୍ରଭାତ ସାଜେ ।
ମୁକୁଟ ଖର ଅମର ତବ
ଆସିନ ଜନ ଡାକେ
ମଗନ କର ପବନ ଶୋଭା
କୁସୁମ ବାଟି ଲହର
ଝଙ୍କୃତ ଗାନର ଲଗାଇ ଚଳା
ଗଗନ ଲହର ରେଖ ।
ତଥାପି ଦେଖିବ ଅମୃତ ଦାଗ
ଅଧର କରେ କର ପ୍ରକାଶ
ଲଲିତ ଜଳଜ ଗାନଯାନର
ଚପଳ ଜଳଜ ଲେଖି
ମାଟିର ମୋହ ଦେଇ
ଆତ୍ମା ଜାଣି ବୁଝିବ ନାହିଁ
ଆତ୍ମାର ମନପାନ
ଚାହିଁରେ ବନ୍ଧୁ ମାନବଜାତିର ଧ୍ୟାନ ।

ବଂଶ ବଂଶର କିଏ ?

*ମୃତ୍ୟୁକୁ ଯେତେ ଡକାଇ ଜୀବନ
ମରଣ ଫେରନ୍ତ ଦେଖୁ
ତା ଜୀବନ ରେଖା ଜନ୍ମନାମ ବୃକେ
କିଏ ବା ଟାଣିଛୁ କେଉ ?
ଗଛ ସ୍ପନ୍ଦନ କୁସୁମ କେତେବେଳେ
କୁନ୍ତମେଳ ପୁଣି ଲେଖା
ଏ ଜଗର ମାନବ ଜନ୍ମଦାଗ ତଳେ
ମିଳେ କାହିଁ ତାର ଲେଖା ?
ଜନ୍ମଦାଗ ଅଛି ଦେଖି ?
ମାନବ ଜୀବନେ ମୃତ୍ୟୁର କଥା
କାହିଁ କେତେ କାହିଁ ଲେଖି ?

---

*ଘରୋଇ ବାବୁମନ୍ତ୍ରୀଙ୍କର ଚଳଣି 'ଆଦର' ପ୍ରଥମ ବର୍ଷରେ ଲିଖିତ

ପ୍ରେମ ଉଜ୍ଜ୍ୱଳା ଦରଦୀ ତାରା
ପ୍ରୀତି ଅପୋଟେ ଭରି
ସେଦିନ ଲଗ ଚନ୍ଦ୍ର ମୁଂଖ ଫେରି
ଜୀବନକୁ ଦେଲୁ ବଳି ।
ତା ଯୋଗେ ଆମର ମୃଣ୍ମ ପୃଥିବୀ
ଅଜ୍ଞ୍ୟ ଦେଖ ନବୀନ ନବୀନା
ତା'ର ଛିନ୍ନ ଫୁଲର ଶୋଣିତ ପାରଦର
ଆହୁଁ ଯେ ମନ୍ଦ୍ର ରେଖା ।

ନବ ଏକ ଉଜ୍ଜଳ ଉଦେ—

ଅଗ ଉଜ୍ଜ୍ୱଳ ତାମସାର, ତାରେର
ଉଦୟ ଅଭିନ୍ତୁ ଜ୍ୟୋତି
ଚନ୍ଦ୍ର ଚନ୍ଦ୍ରାରେ ଉଦିତାଶ୍ମ ମୃଗ
ଉଚ୍ଛଳ ଯେ ଶୁଭ୍ର ପାଟ
ପୁଣ ପୂର୍ବାଣ୍ଣ ଅଳ୍ପ ଧାରିତ
ତାଙ୍କ ଜୀବନ ଖଣ୍ଡ ।
ଶୁଭ୍ର ଆକାଶ ମେଘ ତାଙ୍କର
ଝରିଛୁ ଅମୃତ ଆଶ
ମୃତ୍ୟୁଁ ଆଜି ଚନ୍ଦ୍ରମା ମଣ୍ଡଳ
ବନ୍ଧୁର ଜାଗରିତ ହୃଦ ।

ନବ ଦ୍ୱିଜ! ଏକଦା, ଥିଏ—

ମୃତ୍ୟୁକୁ ଆଉ ବଞ୍ଚିବା, ଜଣ—
ନଶ୍ୱ ବଞ୍ଚିତ ଜୀବ ?

ସେବକ

ଅନନ୍ତ ମହତ ପୂତ ଉଦାର ଧରଣୀ
ମୁକ୍ତ ସ୍ନିଗ୍ଧ ସୁଖ ଶାନ୍ତି ତା ପୁଣ୍ୟ ସରଣୀ ।
ଦୁଃଖ ନୁହେଁ ଜନ୍ମ ଏଥି ଚଟକ ସମାଜର
ଦୁଃଖ ନୁହେଁ ଜନ ସ୍ଥାନ ଭାଷା ପୂର୍ବ ପାତ୍ର ।
ଦୁଃଖ ନୁହେଁ ଚିନ୍ତ ମୂର୍ଚ୍ଛା, କ୍ଷୁଧା, ଅନଶନ
ଦୁଃଖ ନୁହେଁ ବାବୁଙ୍କର ଚରଣ ମର୍ଦ୍ଦନ ।
ଦୁଃଖ ଖାଲି ଦୁଃଖ ଏକ — ଏକା ଆତ୍ମା ପୁଞ୍ଜ
ମାନବର ଭେଦାଭେଦ ଛଳ ମାତ ମଞ୍ଚ ।

ପ୍ରତ୍ୟାବର୍ତ୍ତନ

ପୁଣି ଆଉ ସହରର ବନ୍ଧୁରାର ପଥେ—
ବୁଲାଉ ଯାଉଛି ଆଜି ଉତ୍କଣ୍ଠିତା ମନେ,
ମିଳୁ ତା'ର ସନ୍ତରଣ, ପ୍ରଗତିର ଡାକ,
ସଭ୍ୟତାର ନାଟମ ଅଶେଷକୁ ଦେଖ ନାଚ,
ପ୍ରତ୍ନୀଳାରେ ମାଖ ନାଚ ନୂତନକୁ ଖୋଜ
ନବ ଅଭ୍ୟୁଦୟ ଆଉ ସକାଳର ଗୋଷ୍ଠ ।
ଆମେ ଯେ ମୋହିତ ନର, ଯଥା କୁଶାଦପି,
ଥାଉ ଜଳ ଯାଇଁ ତାଙ୍କୁ ଚାଷବାକ ଟିପି ?
ମୋର ଜଳ ଆଜ ନାମ ଲେଖା ସଭ୍ୟପଟେ
ଆଘ ମଶା ପେଣ୍ଡ ପିବା ଆମ ପୃଷ୍ଠ ନଦୀ ।
ବୃଦ୍ଧର ମୋ ଯେଉଁ ଥାଉ ଧାଳିଅଙ୍ଗ ଆନେ
ତାର ଶରୀରତେ ଆମେ ସୁନ୍ଦରୀ ଧବଳ ।
ନବାଗତ ଅନୁଗମ ପ୍ରଗତି ସମାଜ
ଆମକୁ ଦେଖିବ ଅନେକ ନଗର ଯୁଗପାଜ
'ମାନାଙ୍କତର ଅପେରକ'
'ସ୍ମୃତିବାଣୀ' ଶୁଣାଇବା ଅରେମ ତା ବସରେ ।